## ଜଳିଗଲା ୩ ବଖରା

ପଦ୍ମପୁର,(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଲକ୍ଷ୍ମୀଦାସପୁର ଗ୍ରାମର ସନାଳ କୁମାର ବଳଙ୍କ ଘରେ ଶୁକ୍ରବାର ଅପରାହ୍ନରେ ନିଆଁ ଲାଗି ୩ ବଖରା ଜଳିଯାଇଛି। ବାସୁଦେବପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।



## ସଂକ୍ଷେପରେ

### ହରିଣକୁ ମାରିଦେଲେ ବୁଲାକୁକୁର



ବନ୍ତ,୯।୪(ଡି.ଏନ.ଏ.): ଭଦ୍ରକ ଜିଲା ବନ୍ତ ବ୍ଲକ ପଧାନପଡ଼ା ପଞ୍ଚାୟତ ପଦାକୋଣା ଗ୍ରାମ ପାଖ ଜଙ୍ଗଲରେ ଶୁକ୍ରବାର ବୁଲା କୁକୁରଙ୍କ ଆକ୍ରମଣରେ ଏକ ହରିଣର ମୃତ୍ୟୁ ଘଟିଛି। ଧାମନଗର ବନ ବିଭାଗ ହରିଣର ମୃତଦେହ ଜବତ କରିଛି। ସକାଳ ପ୍ରାୟ ସାଢ଼େ ୯ଟା ବେଳେ ପଦାକୋଣା ନିକଟସ୍ଥ ଜଙ୍ଗଲ ମଧ୍ୟରେ ହରିଣକୁ ଦେଖି ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ଏହି ସମୟ ମଧ୍ୟରେ କେତୋଟି ବୁଲା କୁକୁର ହରିଣକୁ ଆକ୍ରମଣ କରି ମାରି ଦେଇଥିଲେ। ଧାମନଗର ବନ ବିଭାଗର ଏ ସି ଏଫ୍ ସାଧନା ବେହେରା, ଫରେଷ୍ଟଗାର୍ଡ ବୁଲ୍‌ବୁଲ୍ ମଲ୍ଲିକ ଓ ଆଖୁଆପଦାର ରାମଚନ୍ଦ୍ର ସିଂ ଘଟଣାସ୍ଥଳରେ ପହଞ୍ଚି ହରିଣ ମୃତଦେହ ଜବତ କରି ଧାମନଗର ପ୍ରାଣୀ ଚିକିତ୍ସାଳୟକୁ ନେଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପୋତି ଦିଆଯାଇଛି। ଏହାର ଓଜନ ୨୦ କିଲୋ ଥିଲା ବୋଲି ଜଣାଯାଇଛି। ହରିଣଟି ପାଣି ପିଇବା ପାଇଁ ଜଙ୍ଗଲ ଭିତରୁ ଚାଲି ଆସିଥାଇପାରେ ବୋଲି ରେଞ୍ଜ ଅଫିସର କୁଶ ଚରଣ ସିଂ କହିଛନ୍ତି।

### ଆକ୍ରମଣ କରି ଟଙ୍କା ଲୁଟି ନେଲେ ନକଲି ଆର୍‌ଟିଓ

ଜଳେଶ୍ୱର, ୯।୪(ଡି.ଏନ.ଏ.):ବାଲେଶ୍ୱର ଜିଲାର ୬୦ନଂ. ଜାତୀୟ ରାଜପଥ ଜଳେଶ୍ୱର ନିକଟରେ ବାରମ୍ବାର ଚୋରି, ଛିନ୍‌ତାଇ, ରାହାଜାନି ଭଳି ଅଭିଯୋଗ ହୋଇଆସୁଛି। ଗୁରୁବାର ସନ୍ଧ୍ୟାରେ ଆନ୍ଧ୍ରପ୍ରଦେଶରୁ ଚିଙ୍ଗୁଡି ଖାଦ୍ୟ ବୋଝେଇ କଣ୍ଟେନର (ନଂ.ଓଡି୦୧ଏକେ ୨୩୭୦) ଭୋଗରାଇକୁ ଆସୁଥିବା ବେଳେ ୬୦ନଂ. ଜାତୀୟ ରାଜପଥର ନନ୍ଦିକାଠାରେ ଜଣେ ଯୁବକ ନିଜକୁ ଆର୍‌ଟିଓ ପରିଚୟ ଦେଇ ଚେକିଂ କରିବା ଓ ଆବଶ୍ୟକଠାରୁ ଅଧିକ ବୋଝେଇ ହୋଇଥିବା କହି ବଟି ମାଗିଥିଲେ। ଡ୍ରାଇଭର ନରେନ୍ଦ୍ର ଧଳ ରାଜି ନ ହେବାରୁ ଯୁବକଜଣକ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ରକ୍ତାକ୍ତ ଅବସ୍ଥାରେ ଡ୍ରାଇଭରଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଜିକେଭଟ୍ଟର ହସ୍‌ପିଟାଲକୁ ଅଣାଯାଇ ଚିକିତ୍ସା କରାଯାଉଛି। ଯୁବକଜଣକ ଫେରାର ହୋଇଯାଇଥିଲେ। ନରେନ୍ଦ୍ରଙ୍କ ଘର ଭୋଗରାଇର ନାରାୟଣମହାନ୍ତି ପଡିଆ ପଞ୍ଚାୟତ ଚନ୍ଦ୍ରାବାଲି ଗାଁରେ।

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ, ୨ ଗୁରୁତର

ଆନନ୍ଦପୁର,୯।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ୨୦ନଂ. ଜାତୀୟ ରାଜପଥର ଶୈଳଙ୍ଗ ବାଇପାସ୍ ଛକ ନିକଟରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ନନ୍ଦିପଦା ଥାନା ଘୋଷରାପଦା ଅଞ୍ଚଳର ଲିପୁ ଜେନା। ଆହତ ଅନୁଗୁଳ ଜିଲା ଜର୍ଦା ଗ୍ରାମର ନିର୍ମଳ ପ୍ରଧାନ ଓ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅଞ୍ଚଳର ଚନ୍ଦ୍ରଭାନୁ ମହାନ୍ତଙ୍କୁ ଚିକିତ୍ସା ପାଇଁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବାଇକ୍ ଆରୋହୀ ୩ ଜଣ ସ୍ଥାନୀୟ ଅଞ୍ଚଳର ଏକ ଠିକାସଂସ୍ଥା ଅଧୀନରେ କାର୍ଯ୍ୟକରୁଥିଲେ। କୌଣସି କାମରେ ଯିବା ସମୟରେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଘସିପୁରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

### ବିଲରୁ ମିଳିଲା ନବଜାତ ଶିଶୁକନ୍ୟା ମୃତଦେହ

ପଦ୍ମପୁର, ୯।୪ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମୁଣ୍ଡା ପଞ୍ଚାୟତ ଦାମୋଦରପୁର ସ୍ଥିତ ବିଲରୁ ଜଣେ ନବଜାତ ଶିଶୁକନ୍ୟା ମୃତଦେହ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ଗୁରୁବାର କେତେଜଣ ପିଲା ବିଲକୁ ଗାଈ ଚରାଇବାକୁ ଯାଇଥିବା ବେଳେ ଶାଢ଼ିରେ ଶିଶୁକନ୍ୟାର ମୃତଦେହ ଗୁଡ଼ାଇ ହୋଇ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ଖବର ପାଇ ନାୟକାଣିଡିହୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ବୁଧବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏହି ଘଟଣା ଘଟାଇଥିବା ସନ୍ଦେହ କରାଯାଉଛି।

# ଜଙ୍ଗଲ କାଟି ପୋଡ଼ିଦେଲେ

କେନ୍ଦୁଝର,୯।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ ଓ ତେଲକୋଇ ରେଞ୍ଜ ସୀମାନ୍ତରେ ଥିବା ଜଙ୍ଗଲ ବିଭିନ୍ନ କାରଣରୁ ପଦା ହେବାକୁ ବସିଛି। ସେହିପରି କାଞ୍ଜିପାଣି–ଓରିଆ–ତେଲକୋଇ ଘାଟି ରାସ୍ତାରେ ବ୍ୟାପକ ଜଙ୍ଗଲ କଟାଯାଇ ପୋଡ଼ି ଦିଆଯିବା ଘଟଣାକୁ ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ହେକ୍ଟର ହେକ୍ଟର ପରିମିତ ଜଙ୍ଗଲରୁ ଦୁର୍ବୃତ୍ତମାନେ ଗଛ କାଟି ଦେବା ପରେ ପୋଡ଼ି ଦେଇଛନ୍ତି। ଏନେଇ ବନ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ମୁଖ୍ୟ ରାସ୍ତା କଡ଼ରେ ଏଭଳି ଜଙ୍ଗଲକୁ କାଟି ପୋଡ଼ି ଦିଆଯାଇଥିବାରୁ ବନ୍ୟଜନ୍ତୁ, ପକ୍ଷୀ ଆଦି ବାସହରା ହୋଇ ଅନ୍ୟତ୍ର ପଳାୟନ କରୁଥିବା ଦେଖିବାକୁ ମିଳିଛି। ଜଙ୍ଗଲ ପୋଡ଼ିରେ ଅନେକ ମୂଲ୍ୟବାନ ଗଛଲତା ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ବନ୍ୟପ୍ରାଣୀ ମୃତାହତ ହୋଇଥିବା ଆଶଙ୍କା କରାଯାଉଛି। ବିଶେଷ କରି ପୋଡୁଚାଷ ପାଇଁ ଏଭଳି ଜଙ୍ଗଲ କାଟି ପୋଡ଼ି ଦିଆଯାଇଥିବା ଅଭିଯୋଗ ହେଉଛି। ଜଙ୍ଗଲ ସୁରକ୍ଷା ପାଇଁ ବନ ସୁରକ୍ଷା ସମିତି ଗଠନ କରାଯାଇଥିବା ବେଳେ ବନ ବିଭାଗ ପକ୍ଷରୁ କର୍ମଚାରୀ, ସ୍କ୍ୱାଡ୍ ଆଦି ନିୟୋଜିତ ହୋଇଥିଲେ ହେଁ ଏହାକୁ କିପରି ରୋକାଯାଇ ପାରିଲା ନାହିଁ ତାହା ତଦନ୍ତ ସାପେକ୍ଷ ବୋଲି ପରିବେଶବିତ ଡ.ବିଦ୍ୟାଧର ବେହେରା କହିଛନ୍ତି। କୋଟି କୋଟି ଟଙ୍କା ମୂଲ୍ୟର ଜଙ୍ଗଲ ସମ୍ପତ୍ତି ନଷ୍ଟ ହୋଇଯାଇଥିବାରୁ ଏନେଇ ସେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏନେଇ ଡିଏଫ୍‌ଓ ସ୍ୱୟମ ମଲ୍ଲିକଙ୍କୁ ପଚାରିବାରୁ ସେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।



ଦୁର୍ବୃତ୍ତ ପୋଡ଼ିଦେଇଥିବା ଜଙ୍ଗଲ।

# ରାସ୍ତାକଡ଼ରେ ପ୍ରସବ କଲେ ମହିଳା

ଭଦ୍ରକ ଅଫିସ,୯।୪

ଭଦ୍ରକ ଜିଲା ବନ୍ତ ଛକ ବସ୍‌ଷ୍ଟାଣ୍ଡ ନିକଟ ରାସ୍ତାକଡ଼ରେ ବସ୍‌କୁ ଅପେକ୍ଷା କରିଥିବା ଜଣେ ଆଦିବାସୀ ମହିଳା ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ପରେ ନବଜାତକ ସମେତ ପ୍ରସୂତିଙ୍କୁ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ମା' ଓ ଶିଶୁ ସୁସ୍ଥ ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ଢୁଙ୍କୁରା ଅଞ୍ଚଳର ମାଲେ ହୋଙ୍କର ୫ ଦିନ ପୂର୍ବେ ଗର୍ଭଯନ୍ତ୍ରଣା ହେବାରୁ ପରିବାର ଲୋକ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। କିନ୍ତୁ ୫ ଦିନ ପରେ ମଧ୍ୟ ତାଙ୍କର କୌଣସି ସନ୍ତାନ ଜନ୍ମ ହୋଇ ନ ଥିଲା। ଅନ୍ୟପଟେ ତାଙ୍କ ହାତଗୋଡ଼ ଫୁଲି ଯାଇଥିଲା। ତାଙ୍କ ସହ ଆସିଥିବା ସ୍ୱାମୀ ଓ ଶାଶୁ ମାଲେଙ୍କୁ ନେଇ ଘରକୁ ଫେରିଯିବା ପାଇଁ ଶୁକ୍ରବାର ପୂର୍ବାହ୍ନରେ ବନ୍ତ ଛକ ବସ୍‌ଷ୍ଟାଣ୍ଡକୁ ଯାଇଥିଲେ। ସେଠାରେ କିନ୍ତୁ ତାଙ୍କ ଗର୍ଭ ଯନ୍ତ୍ରଣା ଅସହ୍ୟ ହୋଇଥିଲା। ପାଖରେ କାର୍ଯ୍ୟରତ ଥିବା ମହିଳା କନଷ୍ଟେବଲ ସାବିତ୍ରୀ ନାୟକ ଓ ମହିଳା ଯାତ୍ରୀଙ୍କ ସହଯୋଗରେ ମାଲେ ସେଠାରେ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ମାଲେଙ୍କ ଶାଶୁ ରମା ହୋ କହିଛନ୍ତି, ତାଙ୍କ ସମ୍ପ୍ରଦାୟରେ ପ୍ରସବ ଯନ୍ତ୍ରଣା ହେଲେ ଆମ୍ବ ପୂଜା କରାଯିବାର ନିୟମ ରହିଛି। ଏଣୁ ଡାକ୍ତରଖାନାରେ ୫ ଦିନ ରଖିବା ପରେ ମଧ୍ୟ କୌଣସି ସନ୍ତାନ ଜନ୍ମ ନ ହେବାରୁ ଆମ୍ବପୂଜା ପାଇଁ ଘରକୁ ନେଇଯାଉଥିଲେ। କିନ୍ତୁ ବସ୍‌ଷ୍ଟାଣ୍ଡରେ ମାଲେଙ୍କର କନ୍ୟା ସନ୍ତାନ ଜନ୍ମ ହେଲା।

# ଓଏମ୍‌ଡି ଖଣି କାର୍ଯ୍ୟାଳୟ ଘେରିଲେ ଯୁବଗୋଷ୍ଠୀ



ଠାକୁରାଣୀସ୍ଥିତ ଓଏମ୍‌ଡି କମ୍ପାନୀର ଖଣି କାର୍ଯ୍ୟାଳୟ ସମ୍ମୁଖରେ ଯୁବଗୋଷ୍ଠୀ।

ବଡ଼ବିଲ,୯।୪ (ସ୍ୱ.ପ୍ର.)

**ସ୍ଥାନୀୟ ନିଯୁକ୍ତି, ଅଞ୍ଚଳର ବିକାଶ ଦାବି**

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳର ଯୁବଗୋଷ୍ଠୀ ସ୍ଥାନୀୟ ନିଯୁକ୍ତି ଓ ଅଞ୍ଚଳର ବିକାଶ ଦାବି କରି ଶୁକ୍ରବାର ଠାକୁରାଣୀସ୍ଥିତ ଓଏମ୍‌ଡି (ଓଡ଼ିଶା ମିନେରାଲ ଡେଭଲପମେଣ୍ଟ) କମ୍ପାନୀ ଖଣି କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ବଡ଼ବିଲ ପୌରାଞ୍ଚଳରେ ଥିବା ଏହି କମ୍ପାନୀର ବାଇଗିଆବୁରୁ ଲୌହ ଖଣି ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ବନ୍ଦ ହୋଇ ରହିଛି। ସରକାରୀ ମଞ୍ଜୁରୀ ଅଭାବରୁ ଖଣି ବନ୍ଦ ପଡ଼ିଥିବାବେଳେ ଏହାକୁ ଚାଲୁ କରିବା ଲାଗି ଖଣିର ଜଙ୍ଗଲ ଜମିର ଅଣଜଙ୍ଗଲ ଡାଇଭର୍ସନ ନିମନ୍ତେ ଏକ ଜନଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ତେବେ ଦୀର୍ଘ ୪୦ ବର୍ଷ ଧରି ଖଣି କାର୍ଯ୍ୟ କରିଥିବା ଏହି କମ୍ପାନୀ ସ୍ଥାନୀୟ ନିଯୁକ୍ତି ତ ଦୂରର କଥା ସାମାଜିକ ଦାୟିତ୍ୱବୋଧ ବ୍ୟବସ୍ଥାରେ ଅଞ୍ଚଳର କୌଣସି ବିକାଶମୂଳକ କାର୍ଯ୍ୟ କରି ନ ଥିବା ସେମାନେ ଅଭିଯୋଗ କରିଥିଲେ। ଖଣି ଚାଲୁ ରହିଥିବାବେଳେ ପରୋକ୍ଷରେ ରୋଜଗାରକ୍ଷମ ହୋଇ ଜୀବିକା ନିର୍ବାହ କରୁଥିବା ଯୁବଗୋଷ୍ଠୀ ୧୦ ବର୍ଷ ହେଲା ଖଣି ବନ୍ଦ ଯୋଗୁ ବେକାର ହୋଇ ବସିଛନ୍ତି। ଜନଶୁଣାଣି ଖବର ପ୍ରଚାରିତ ହେବା ପରେ ଖଣି ଖୋଲିବା ନେଇ ଆଶା ଦେଖା ଦେଇଥିବାରୁ ଶୁକ୍ରବାର ସ୍ଥାନୀୟ ଦଲକି, ଠାକୁରାଣୀ, ନାଲଦା, ମହାନ୍ତ ବସ୍ତି, ବେଲକୁଣ୍ଡି ଆଦି ଅଞ୍ଚଳର ଶତାଧିକ ବେକାର ଯୁବକ ଏକାଠି ହୋଇ ଠାକୁରାଣୀ ସ୍ଥିତ ଖଣି କାର୍ଯ୍ୟାଳୟକୁ ଘେରିଥିଲେ। ଖଣିରେ ସ୍ଥାନୀୟ ବେକାରଙ୍କୁ ନିଯୁକ୍ତି ସହ ଅଞ୍ଚଳର ବିକାଶ ନିମନ୍ତେ ଯୁବଗୋଷ୍ଠୀ ଦାବି କରିଛନ୍ତି। ଏ ନେଇ କମ୍ପାନୀ କର୍ତ୍ତୃପକ୍ଷ ଲିଖିତ ଭାବେ ପ୍ରତିଶ୍ରୁତି ନ ଦେଲେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ହେବାକୁ ଥିବା ଜନଶୁଣାଣିକୁ କମ୍ପାନୀ ସପକ୍ଷରେ କରାଇଦେବେ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ଜ୍ୱାଇଁଙ୍କ ଗୁପ୍ତାଙ୍ଗ କାଟିଲେ ଶ୍ୱଶୁର

ଭୋଗରାଇ, ୯।୪(ଡି. ଏନ. ଏ. )

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଏକ ହୋଟେଲରେ ଶୁକ୍ରବାର ଅଭାବନୀୟ ଘଟଣା ଘଟିଛି। ଦ୍ୱିତୀୟ ବିବାହ କରିଥିବା ଜଣେ ଯୁବକଙ୍କ ଗୁପ୍ତାଙ୍ଗକୁ ତାଙ୍କ ଶ୍ୱଶୁର ବ୍ଲେଡରେ କାଟି ଦେବାରୁ ସେ କ୍ଷତାକ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ଭୋଗରାଇ ଥାନା ପୋଲିସ ମାମଲା (ନଂ. ୮୯/୨୧) ରୁଜୁ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

ଏତଲା ଅନୁଯାୟୀ, କାଳାହି ଗ୍ରାମର ରାଜେଶ ସେଠୀ ୧୨ ବର୍ଷ ପୂର୍ବେ ସୁଖକ୍ଷଣ୍ଡ ଗ୍ରାମର ମଧୁସୂଦନ ଖଟୁଆଙ୍କ ଝିଅ ସବିତାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କର ୧୧ବର୍ଷର ଏକ ପୁଅ ମଧ୍ୟ ଅଛନ୍ତି। ଇତିମଧ୍ୟରେ ରାଜେଶ ତାଙ୍କ ନିଜ ସଢୁଙ୍କ ଝିଅଙ୍କୁ ତିନିମାସ ପୂର୍ବେ ପ୍ରେମବିବାହ କରିଥିଲେ। ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଆସୁଥିଲା। ଏକ ହୋଟେଲ ଭଡା ନେଇ ରାଜେଶ, ଦୁଇ ସ୍ତ୍ରୀ ଓ ପିଲା ସହ ରହିଆସୁଥିଲେ। ହଠାତ୍ ରାଜେଶଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ପିତା ଓ ତାଙ୍କ ଦୁଇ ସହଯୋଗୀ ପହଞ୍ଚି ଆକ୍ରମଣ କରିଥିଲେ। ପରେ ସେମାନେ ବ୍ଲେଡରେ ରାଜେଶଙ୍କ ଗୁପ୍ତାଙ୍ଗ କାଟିଥିବା ଅଭିଯୋଗ ହୋଇଛି । ଏଥିସହିତ ତାଙ୍କ ପିଲା ଓ ସ୍ତ୍ରୀଙ୍କୁ ମାରଧର, ଟଙ୍କା ଓ ସୁନା ଅଳଙ୍କାର ଲୁଟ୍ ସହ ଦ୍ୱିତୀୟ ସ୍ତ୍ରୀଙ୍କୁ ଜବରଦସ୍ତ ଟେକିନେଇଥିବା ସଙ୍ଗୀନ ଅଭିଯାଗ ହୋଇଛି।

# ପତିରାଜପୁରରେ ଜଗନ୍ନାଥ କଥାମୃତ ଶିକ୍ଷା ଶିବିର

ଖଇରା, ୯।୪(ଡି.ଏନ.ଏ.)

ପୁରୀ ଚାରଣ ଗୋଷ୍ଠୀ ଓ ପତିରାଜପୁର ଦୋଳ ମେଳନ କମିଟି ମିଳିତ ସହଯୋଗରେ ବାଲେଶ୍ୱର ଜିଲା ଖଇରା ବ୍ଲକର ପ୍ରସିଦ୍ଧ ପତିରାଜପୁର ମେଳନ ପଡିଆରେ ଗୁରୁବାର ଜଗନ୍ନାଥ କଥାମୃତ ଶିକ୍ଷା ଶିବିର ଦିବସ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ସକାଳେ ବିଭିନ୍ନ ସ୍ଥାନରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂସ୍କୃତି ବିଷୟକ ଜ୍ଞାନ ପରୀକ୍ଷା କରାଯାଇଥିଲା । ପୂର୍ବାହ୍ନରେ ଆୟୋଜିତ ଆଧାତ୍ମିକ ଅଧିବେଶନରେ ଜଗନ୍ନାଥଙ୍କ ବଡପଣ୍ଡା ସୁଦର୍ଶନ ପୂଜାପଣ୍ଡା ଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ଉପରେ ଶ୍ରଦ୍ଧାଳୁଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇ କହିଥିଲେ। ଜଗନ୍ନାଥଙ୍କ ପ୍ରତ୍ୟେକଟି ନୀତିକ୍ରାନ୍ତିରେ ଅଲୌକିକତା ଭରି ରହିଥିବା ନେଇ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ସୁଆର ସେବକ ବଳଭଦ୍ର ମହାପାତ୍ର ବଡ ଦେଉଳ ଛପନ ଭୋଗ ପ୍ରସ୍ତୁତି ଉପରେ ଆଲୋକପାତ କରିଥିଲେ। ଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ପରିଚାଳକ ରମଣୀରଞ୍ଜନ ନାୟକ ସୂଚନା ପ୍ରଦାନ କରିଥିଲେ। ଶେଷରେ ସଂସ୍କୃତି ଜ୍ଞାନ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ମେଳା କମିଟି ସଭାପତି ପିତାମ୍ବର ପଟ୍ଟନାୟକ, ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ରାଉତ, ଉପସଭାପତି ପ୍ରତାପ କୁମାର ପଣ୍ଡା, ସଭ୍ୟ ଭୀଷ୍ମଚରଣ ନାୟକ, ନିର୍ମଳ କୁମାର ପଣ୍ଡା, ସମ୍ପଦ ଘଡେଇ, ପ୍ରଦୀପ କୁମାର ସାମଲ, ଆଞ୍ଚଳିକ ବ୍ରାହ୍ମଣ ସମିତିର କର୍ମକର୍ତ୍ତା କୃଷ୍ଣଚନ୍ଦ୍ର ପତ୍ରୀ, ରାମଚନ୍ଦ୍ର ପଣ୍ଡା, ବୁଦ୍ଧିରାମ ପାଣିଗ୍ରାହୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଆଞ୍ଚଳିକ ବ୍ରାହ୍ମଣ ସମିତି ଆନୁକୂଲ୍ୟରେ ଗୌରଚନ୍ଦ୍ର ପାଠୀ, ଶରତ ଚନ୍ଦ୍ର ପଣ୍ଡା, ବଳରାମ ପଣ୍ଡା, ମୁନା ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା।



ଜଗନ୍ନାଥ କଥାମୃତ ଶିକ୍ଷା ଶିବିରରେ ଉପସ୍ଥିତ ପୁରୀ ମନ୍ଦିରର ବଡପଣ୍ଡା ଓ ସୁଆର ।

# ମଦ ବେପାରୀଙ୍କ ଆକ୍ରମଣରେ ଯୁବକ ଗୁରୁତର

ସିମୁଳିଆ, ୯।୪(ଡି.ଏନ୍.ଏ.)

**ମୁଖ୍ୟ ଅଭିଯୁକ୍ତଙ୍କୁ ଧରିପାରୁନି ପୋଲିସ**

ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ରାଧାବଲ୍ଲଭପୁର ଅଞ୍ଚଳରେ ମଦ ବେପାରୀମାନେ ଆତଙ୍କରାଜ ଚଳାଇଛନ୍ତି। କୌଣସି ଦୋଷ ନ କରି ଏହି ଅଞ୍ଚଳର ଅଭିମନ୍ୟୁ ଦାସ(୨୭) ନାମକ ଯୁବକ ମଦ ବେପାରୀଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସିମୁଳିଆ ଓ ପରେ ଭଦ୍ରକ ଓ ସେଠାରୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଅଭିମନ୍ୟୁଙ୍କ ମୁଣ୍ଡରେ ୨୨ଟି ଷ୍ଟିଚ ପଡିଥିବା ବେଳେ ହାତର ପ୍ରଥମ ପର୍ଯ୍ୟାୟ ଅପରେଶନ କରାଯାଇଛି। ଏଥିରେ ପ୍ରାୟ ୭୫ହଜାର ଟଙ୍କା ଖର୍ଚ୍ଚ ହୋଇସାରିଥିବା ତାଙ୍କ ବଡଭାଇ କରୁଣାକର ସୂଚନା ଦେଇଛନ୍ତି । ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୭୩/୨୧) ରୁଜୁ କରି ଚାନ୍ଦିପୁର ଅଞ୍ଚଳର ଅଲେଖଚନ୍ଦ୍ର ଜେନା, ଟାଉନଥାନା ଅଞ୍ଚଳର ଭୁବନ ବିନ୍ଧାଣୀ ଓ ସଦରଥାନା ଅଞ୍ଚଳର ଶ୍ୟାମସୁନ୍ଦର ସାମଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଏଯାଏ ଗିରଫ କରିପାରିନାହିଁ। ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ତଦନ୍ତ ଅଧିକାରୀ ଏଏସ୍‌ଆଇ ଭୁବନମୋହନ ସେଠୀ ସୂଚନା ଦେଇଛନ୍ତି।

ଗତ ମାର୍ଚ୍ଚ ୨୮ତାରିଖରେ ଦୁଇଟି ବାଇକ ଯୋଗେ ଦେଶୀମଦ ନେଇ ସୋରରୁ ଭଦ୍ରକ ଅଭିମୁଖେ ଯାଉଥିବା ମଦ ବେପାରୀଙ୍କୁ ସ୍ଥାନୀୟ ଲୋକେ ଅଟକାଇ ପୋଲିସ ଜିମା ଦେଇଥିଲେ । ପରେ ମଦ ମାଫିଆମାନେ ଆତଙ୍କ ସୃଷ୍ଟି କରିବା ପାଇଁ ପରଦିନ ୨୯ତାରିଖ ରାତିରେ ବାଇକ ଅଟକାଯାଇଥିବା ସ୍ଥାନକୁ ଆସିଥିଲେ। ରାତି ପ୍ରାୟ ସାଢେ ୧୧ଟା ବେଳେ ପଡୋଶୀ ଗୌଡପଡା ଅଞ୍ଚଳରେ ଅନୁଷ୍ଠିତ ଗାଁ ଡ୍ରାମା ଦେଖିବା ପାଇଁ ଅଭିମନ୍ୟୁ ବାଇକ ଯୋଗେ ଯାଉଥିବା ବେଳେ ମଦ ବେପାରୀମାନେ ତାଙ୍କୁ ସେହି ଗାଁର ଯୁବକ ଭାବି ଆକ୍ରମଣ କରିଥିଲେ ।



ମେଡିକାଲ ବେଡରେ ଅଭିମନ୍ୟୁ ।

# ୭୨ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ, ନ ହେଲେ ଆନ୍ଦୋଳନ



ବୈଠକରେ ଓମ୍‌ସା ସଂଘର କର୍ମକର୍ତ୍ତା।

**ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ**

- ବସିଲା 'ଓମ୍‌ସା' ସଂଘର ଜରୁରୀ ବୈଠକ

ସଜନାଗଡ଼, ୯।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଚିକିତ୍ସାଳୟର ଏସ୍‌ଡିଏମ୍‌ଓ ଡା. ଅଜୟ କୃଷ୍ଣ ସାମଲଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ଶୁକ୍ରବାର ନୀଳଗିରି ମେଡିକାଲରେ 'ଓମସା' ପକ୍ଷରୁ ଜରୁରୀ ବୈଠକ ଆୟୋଜନ କରାଯାଇଥିଲା। ସେମାନଙ୍କ ବିରୋଧରେ ୭୨ ଘଣ୍ଟା ମଧ୍ୟରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସମ୍ପାଦକ ଡା. କୈଳାସ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ବୈଠକରେ ଡା. କାଳୀଚରଣ ପାଲ, ଡା. ବି. ସୁବ୍ରମଣ୍ୟମ ଦାସ, ଡା. ଅଙ୍କିତ ଦାସ, ଡା. ସରୋଜିନୀ ପ୍ରଧାନ, ଡା. ଶୁଭ୍ରାଂଶୁଶେଖର ପରିଡ଼ା, ଡା. ତ୍ରିଲୋଚନ ପାଲ, ଡା. ରାମକୃଷ୍ଣ ସାହୁ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ସିପିଏମ, ନୀଳଗିରି ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ମେଡିକାଲରେ ସ୍ୱାସ୍ଥ୍ୟସେବା ଠପ୍ ନେଇ ନିନ୍ଦା କରାଯାଇଥିଲା। ସାମାନ୍ୟ ଫଳକରେ କେନ୍ଦ୍ରମନ୍ତ୍ରୀଙ୍କ ନାମ ନ ଥିବାକୁ କେନ୍ଦ୍ର କରି ଏଭଳି ହୀନ ରାଜନୀତିକୁ ନିନ୍ଦା କରାଯାଇଛି। ସ୍ଥାନୀୟ ପ୍ରଶାସନ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ୭ ଦିନ ଭିତରେ ରୋଗୀସେବାରେ ସୁଧାର ନ ଆଣିଲେ ରାସ୍ତାରୋକୋ କରାଯିବ ବୋଲି ସିପିଏମର ଜିଲା କମିଟି ସଭ୍ୟ ଯୋଗାନନ୍ଦ ଦାଶ, ଜିଲା ସମ୍ପାଦକ ମଣ୍ଡଳୀର ସଭ୍ୟ ବିଜୟ ପାତ୍ର, ଆଞ୍ଚଳିକ କମିଟି ସମ୍ପାଦକ ଜ୍ୟୋର୍ତିମୟ ରାଉତ ସୂଚନା ଦେଇଛନ୍ତି।

# ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ

ଭଣ୍ଡାରିପୋଖରୀ, ୯।୪ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଦିବ୍ୟାଙ୍ଗମାନଙ୍କୁ ଟ୍ରାଇସାଇକେଲ ଓ ହୁଇଲଚେୟାର ପ୍ରଦାନ କରାଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରବିନାରାୟଣ ପାତ୍ର ସଂଯୋଜନା କରିଥିବା ବେଳେ ବିଡିଓ ବିଜୟ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଣିତକାନ୍ତ ସାମଲ ଓ ସଂଯୋଜକ ସୁଧାଂଶୁ ଶେଖର ପାଢ଼ୀ ଉପସ୍ଥିତ ଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଜଳମଣ୍ଡୁଆ ଗ୍ରାମର ବାସନ୍ତୀ ରାଉତଙ୍କୁ ହୁଇଲଚେୟାର, ଦକ୍ଷିଣବାଡ଼ର ସୁରେନ୍ଦ୍ର ଜେନାଙ୍କୁ ଟ୍ରାଇସାଇକେଲ, ଗଙ୍ଗାଧର ଲେଙ୍କାଙ୍କୁ ହାତବାଡ଼ି ଓ ରହଣିଆର ବିଶ୍ୱଜିତ ସାମଲଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା।



ଟ୍ରାଇସାଇକେଲ, ହ୍ୱିଲଚେୟାର ପାଇଥିବା ଦିବ୍ୟାଙ୍ଗଙ୍କ ସହ ଅଧିକାରୀ।

# ବିଡିଓଙ୍କ ବଦଳି ଦାବିରେ ବ୍ଲକ କାର୍ଯ୍ୟାଳୟରେ ତାଲା

ବାରିପଦା ଅଫିସ,୯।୪

ବଦଳି ହୋଇଥିବା ମୟୂରଭଞ୍ଜ ଜିଲା ଶୁକୁଳି ବ୍ଲକ ବିଡିଓଙ୍କୁ ତୁରନ୍ତ ରିଲିଫ କରିବା ଦାବିରେ ଶୁକ୍ରବାର ନିର୍ବାଚିତ ଲୋକ ପ୍ରତିନିଧିମାନେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ୧୦ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ସହିତ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ଚେତାର ପୂର୍ବାହ୍ନରେ ବ୍ଲକ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସି ରହିଛନ୍ତି। ଖବରପାଇ ତହସିଲଦାର ଜ୍ୟୋତ୍ସ୍ନା ନାୟକ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଯିଦ୍‌ରେ ଅଟଳ ରହିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ବିଡିଓ କସ୍ତୁରୀବାଳା ଜେନାଙ୍କର ଗତ ଜାନୁଆରୀ ମାସଠାରୁ ନିଆଳି ତହସିଲଦାର ଭାବରେ ବଦଳି ହୋଇଛି। ତେବେ ନୂଆ ବିଡିଓ ଆସି ନ ଥିବାରୁ ତାଙ୍କୁ ରିଲିଫ କରାଯାଇନାହିଁ। ଫଳରେ ବଦଳି ହୋଇଥିବା ଦୃଷ୍ଟିରୁ ସେ ୧୦ଟି ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟ ପ୍ରତି ଅଣଦେଖା କରୁଥିବା ପଞ୍ଚାୟତ ସମିତି ଅଧ୍ୟକ୍ଷା ଚେତାର ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିବା ବେଳେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିଥିବା ସୂଚନା ମିଳିଛି।



ଧାରଣାରେ ବସିଥିବା ନିର୍ବାଚିତ ଲୋକ ପ୍ରତିନିଧିମାନେ।

## ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ

**ବାରିପଦା ଅଫିସ:** ବାରିପଦା ଟାଉନ ଥାନା ଅଧୀନ ଡିପାସାହି ଅଞ୍ଚଳର ମାଳତୀ ଦାସଙ୍କ ବେକରୁ ସୁନାଚେନ୍ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୩୫୬/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ଶୁକ୍ରବାର ଅପରାହ୍ନରେ ମାଳତୀ ଘରକୁ ଫେରୁଥିବା ବେଳେ ୨ ଦୁର୍ବୃତ୍ତ ଏକ ମୋଟର ସାଇକେଲ ଯୋଗେ ଆସି ତାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇ ପଳାଇଥିଲେ।

## ଆଜି କ'ଣ କେଉଁଠି

ବାଲେଶ୍ୱର

- ନେତୃତ୍ୱ ଉନ୍ନତି ପ୍ରଶିକ୍ଷଣ ଶିବିର। ସ୍ଥାନ: ବାଲେଶ୍ୱର ଜିଲା କଂଗ୍ରେସ ଅଫିସ୍। ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ। ସମୟ: ପୂର୍ବାହ୍ନ ୧୦ଟା। ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମାର୍କୋଣା।

# କଣ୍ଟାକ୍ଟ ଟ୍ରେସିଂ, ଘର ଘର ବୁଲି ସର୍ଭେ ନିର୍ଦ୍ଦେଶ

**କୋଭିଡ୍ ପରିଚାଳନା ନେଇ ପ୍ରମୁଖ ଶାସନ ସଚିବଙ୍କ ସମୀକ୍ଷା**

ଭଦ୍ରକ ଅଫିସ,୯।୪

ଭଦ୍ରକ ଜିଲାରେ କୋଭିଡ୍ ପରିଚାଳନା ନେଇ ଦାୟିତ୍ୱରେ ଥିବା ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ ଜିଲାକୁ ଗସ୍ତ କରି ଏହାର ସମୀକ୍ଷା କରିଛନ୍ତି। ସାଳନ୍ଦୀ ସଭାଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ଯୋଗୁ କୋଭିଡ୍ ସେଣ୍ଟର ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଯେଉଁସବୁ ଅଞ୍ଚଳରେ ପଜିଟିଭ୍ ଚିହ୍ନଟ ହୋଇଛି, କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି ସେହିସବୁ ଅଞ୍ଚଳରେ କଣ୍ଟାକ୍ଟ ଟ୍ରେସିଂ ଓ ଘର ଘର ବୁଲି ସର୍ଭେ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

କୋଭିଡ୍ ମୁକାବିଲା କରିବା କ୍ଷେତ୍ରରେ ସମ୍ମୁଖ ଯୋଦ୍ଧାମାନେ ସଦାସର୍ବଦା ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ଗୁରୁବାର ସୁଦ୍ଧା ଆକ୍ରାନ୍ତଙ୍କ ସବିଶେଷ ବିବରଣୀ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଇଥିଲେ। ଜିଲାରେ ଆଉ ୨୪ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ମୋଟ ୯୬ ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି। ବାହାର ଅଞ୍ଚଳରୁ ଭଦ୍ରକକୁ ଆସୁଥିବା ଲୋକଙ୍କ ଉପରେ ମଧ୍ୟ ନଜର ରଖାଯାଇଥିବା ଜିଲାପାଳ ଡ. ଦାସ କହିଥିଲେ। ଜିଲାର ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀମାନେ ଘର ଘର ବୁଲି ସର୍ଭେ କରୁଥିବା ସେ ସୂଚନା ଦେଇଥିଲେ। ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା ଜିଲାରେ ମାସ୍କ ପରିଧାନ ଓ ସାମାଜିକ ଦୂରତା ରକ୍ଷା କରାଯିବା ନେଇ ପୋଲିସ ପକ୍ଷରୁ ବ୍ୟାପକ ଚଢ଼ାଉ ହେଉଥିବା କହିଥିଲେ। ପୋଲିସ ଅଧିକାରୀମାନେ ଭିଡ଼ ଅଞ୍ଚଳ ତଥା ବଡ଼ ବଡ଼ ଦୋକାନ, ମଲ୍‌ଗୁଡ଼ିକରେ ଅତର୍କିତ ଚଢ଼ାଉ କରୁଥିବା ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଅରୁଣ କୁମାର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ ପାତ୍ର, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବାଶିଷ ମହାରଣା ପ୍ରମୁଖ ଯୋଗ ଦେଇଥିଲେ।

## ଓଡ଼ିଶା ଇତିହାସର ହିନ୍ଦୀ ସଂସ୍କରଣ ଉନ୍ମୋଚନର ସିଧା ପ୍ରସାରଣ



ବନ୍ତରେ ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବନ୍ତ/କେନ୍ଦୁଝର/ବାଲେଶ୍ୱର ଅଫିସ, ୯।୪(ସ୍ୱ.ପ୍ର./ଡି.ଏନ.ଏ.)

ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଦ୍ୱାରା ରଚିତ ଓଡ଼ିଶା ଇତିହାସର ହିନ୍ଦୀ ଅନୁବାଦ ସଂସ୍କରଣକୁ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉନ୍ମୋଚନ କରିଛନ୍ତି। ଉନ୍ମୋଚନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ମହତାବଙ୍କ ଜନ୍ମମାଟି ବନ୍ତ ବ୍ଲକ ଆଗରପଡ଼ା ସ୍ଥିତ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଶଙ୍କରଲାଲ ପୁରୋହିତଙ୍କ ଦ୍ୱାରା ହିନ୍ଦୀରେ ଅନୁବାଦ ହୋଇଥିବା ପୁସ୍ତକକୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ କରାଯାଇଛି। ମହତାବ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଗରପଡ଼ା ଜୋନ୍ ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ କୁମାର ଦାଶ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଭାଜପା ନେତା ବଦ୍ରି ନାରାୟଣ ଧଳ, ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଡ. କାର୍ତ୍ତିକେଶ୍ୱର ରାଉଳ, ବରିଷ୍ଠ ନାଗରିକ ଇଂ. ମଧୁସୂଦନ ସାହୁ ଯୋଗଦେଇଥିଲେ। ପୁରୁଷୋତ୍ତମ ସେବା ସମବାୟ ସମିତି ସଭାପତି ନାରାୟଣ ଚନ୍ଦ୍ର ଉଦ୍‌ଗାତା ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି କେନ୍ଦୁଝରର ରୋଟାରି କ୍ଲବରେ ସିଧାପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ସଂଯୋଜକ ଶରତ ଚନ୍ଦ୍ର ଜେନା ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଏମ୍‌ଏସ୍‌ପିର ସଭାପତି ଦେବବ୍ରତ ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାରସ୍ୱତ ସାଧକ ଭରତ ଚନ୍ଦ୍ର ପାତ୍ର, ସୁଜିତ୍ ପଟ୍ଟନାୟକ, ଖବରଦାତା ଦୀପକ ମିଶ୍ର, ଅଂଶୁମାନ ସବୁଜ ମହାନ୍ତ ବର୍ମା ପ୍ରମୁଖ ଏହାକୁ ଉଦ୍‌ଘାଟନ କରିଥିଲେ। କବି ଚିନ୍ତାମଣି ମହାଳିକ, ଗାଳ୍ପିକ ଶାନ୍ତନୁ ମହାପାତ୍ର, ବରିଷ୍ଠ ନାଗରିକ ଜନାର୍ଦ୍ଦନ ଗିରି, ଖବରଦାତା ନିରଞ୍ଜନ ନାୟକ, ଏ ଆର୍ ଖାନ, ଦେବାଶିଷ ମିଶ୍ର, ପ୍ରଦୀପ ମହାନ୍ତି, ରୋଟାରିଆନ ବିଜୟ କପୁର, ପ୍ରଶାନ୍ତ ସ୍ୱାଇଁ, ଦେବଦାସୀ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ବାଲେଶ୍ୱର ସହରସ୍ଥିତ 'ଆତିଥ୍ୟ' ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହରେକୃଷ୍ଣ ମହତାବ ଫାଉଣ୍ଡେଶନ ବାଲେଶ୍ୱର ଶାଖାର ସଂଯୋଜିକା ମମତା ମହାପାତ୍ର ବକ୍ତବ୍ୟ ରଖିଥିଲେ। ଡ. ରମାକାନ୍ତ ବେହେରା ମହତାବଙ୍କୁ ହିମାଳୟ ପରି ମହାନ୍ ଭାବେ ବର୍ଣ୍ଣନା କରି ସେ ପ୍ରଥମେ ସମ୍ବାଦକୁ ସାହିତ୍ୟର ରୂପ ଦେଇଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ହରିଶ୍ଚନ୍ଦ୍ର ବେହେରା, ବରିଷ୍ଠ ଖବରଦାତା କୁଳମଣି ବାରିକ ଯୋଗ ଦେଇଥିଲେ। ଡ. ହରେକୃଷ୍ଣ ମହତାବ ସ୍ମୃତି ପରିଷଦ, ବାଲେଶ୍ୱରର ଆବାହକ ଓ ଖବରଦାତା ସତ୍ୟପ୍ରିୟ ମହାନ୍ତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସଭାରେ ବୁଦ୍ଧିଜୀବୀ ଶୁଭଙ୍କର ମହାପାତ୍ର, ଡ. ପ୍ରହ୍ଲାଦ ଚରଣ ମହାନ୍ତି, ସୁବ୍ରତ କର, ଉମାକାନ୍ତ ମହାପାତ୍ର, ମାନସ ଦତ, ମମତା କୁଣ୍ଡୁ, ଅଞ୍ଜଳି ପଣ୍ଡା, ପ୍ରଭାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରାଇରଙ୍ଗପୁର ସବ୍‌ଜେଲରେ ୧୬ ପଜିଟିଭ୍

**ବାରିପଦା ଅଫିସ/ ରାଇରଙ୍ଗପୁର,୯।୪(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସବ୍ ଜେଲର ୧୬ ଅନ୍ତେବାସୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ଜେଲର ଏକ ସ୍ୱତନ୍ତ୍ର ଆଇସୋଲେଶନ ୱାର୍ଡରେ ରଖାଯାଇ ଚିକିତ୍ସା କରାଯାଉଛି। ରାଇରଙ୍ଗପୁର ଡାକ୍ତରଖାନାର ଚିକିତ୍ସାଧିକାରୀ ଡା.ସାଗର ନାଏକଙ୍କଠାରୁ ପ୍ରକାଶ, ଗତ ୩ ଦିନ ଧରି ଜେଲରେ ଥିବା ୧୨୩ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ କୋଭିଡ୍ ପରୀକ୍ଷା କରାଯାଇଥିଲା। ଶେଷ ଦିବସରେ ୫୦ଜଣଙ୍କ ମଧ୍ୟରୁ ୧୬ଜଣଙ୍କ ଆଣ୍ଟିଜେନ ପରୀକ୍ଷାରେ ପଜିଟିଭ୍ ବାହାରିଥିବା ସେ କହିଛନ୍ତି। ତେବେ ମହାମାରୀ କରୋନାର ଦ୍ୱିତୀୟ ଲହର ଜିଲାରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରାଯିବା ସହିତ କୋଭିଡ୍-୧୯ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ କଟକଣା ଜାରି କରାଯାଇଛି। ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଉଥିବା ବେଳେ ସାମାଜିକ ଦୂରତ୍ୱ ଓ ମାସ୍କ ପରିଧାନ କରିବାକୁ ପରାମର୍ଶ ଦିଆଯାଉଛି। ଶୁକ୍ରବାର ଜିଲାରେ ୫୨ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୪ହଜାର ୬୦୧ରେ ପହଞ୍ଚିଛି।

# ବାଡ଼ ବୁଜି ରାସ୍ତାକାମ ବନ୍ଦ କଲେ ଜବରଦଖଲକାରୀ

ପଦ୍ମପୁର,୯।୪(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ଗୋକୁଳପୁରଠାରୁ ଚାନ୍ଦବାଲି ବ୍ଲକର ବରୁଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ସମ୍ପୃକ୍ତ ରାସ୍ତାକୁ ଦାମୋଦରପୁରଠାରେ କେତେଜଣ ମୁଷ୍ଟିମେୟ ଲୋକ ସରକାରୀ ଜାଗାକୁ ଜବରଦଖଲ କରିଛନ୍ତି। ଫଳରେ ରାସ୍ତା ନିର୍ମାଣ କାର୍ଯ୍ୟରେ ଜବରଦଖଲ ବାଧକ ସାଜିଛି। ଏହାକୁ ନେଇ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ଗତ ୫ ତାରିଖରେ କ୍ଷେତ୍ର ପରିଦର୍ଶନ କରିବା ସହ ଜବରଦଖଲ ଉଚ୍ଛେଦ ପାଇଁ ଜବରଦଖଲକାରୀଙ୍କୁ ଚେତାବନୀ ଦେଇଥିଲେ। ରାଜସ୍ୱ ନିରୀକ୍ଷକଙ୍କୁ ମାପ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଘଟଣାର ୪ ଦିନ ପରେ ଜଣେ ଜବରଦଖଲକାରୀ ରାସ୍ତା ମଝିରେ ଖୁଣ୍ଟ ପୋତି କଣ୍ଟା ବାଡ଼ ଦେବା ସହ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ରଖିଛନ୍ତି। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ପାଣିଗ୍ରାହୀଙ୍କୁ ପଚାରିବାରୁ ତୁରନ୍ତ ମାପ କରାଯାଇ ଜବରଦଖଲ ଉଚ୍ଛେଦ ସହ ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି କହିଛନ୍ତି। ରାଜସ୍ୱ ନିରୀକ୍ଷକ ଚନ୍ଦନ କୁମାର ବେହେରା ଘଟଣାସ୍ଥଳ ପରିଦର୍ଶନ କରି ତହସିଲଦାରଙ୍କୁ ଅବଗତ କରାଇଛନ୍ତି।



ଜବରଦଖଲକାରୀ ରାସ୍ତା ମଝିରେ ବାଡ଼ ବାନ୍ଧିଛନ୍ତି।

## ଶିଶୁପୁତ୍ରକୁ ଧରି ଥାନାରେ ପ୍ରେମିକା

ତେଲକୋଇ, ୯।୪ (ଡି.ଏନ.ଏ)

ପ୍ରେମିକା ଓ ୮ ମାସର ଶିଶୁପୁତ୍ରକୁ ଛାଡ଼ି ଅନ୍ୟତ୍ର ବିବାହ କରିଛନ୍ତି ପ୍ରେମିକ। ଏଭଳି ଅଭିଯୋଗ ନେଇ ପ୍ରେମିକା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସମ୍ପୃକ୍ତ ଯୁବକଙ୍କ ଘର ତେଲକୋଇ ଥାନା ହାଲପୋଡ଼ି ଗ୍ରାମରେ। ସେ ଗତ ଫେବୃୟାରୀ ୨୦ରେ ଅନୁଗୋଳ ଜିଲା ଖମାର ଅଞ୍ଚଳରେ ବିବାହ କରିଛନ୍ତି। ସାମାଜିକ କର୍ମୀ ମହାମାୟା କିନ୍ନର, ଇଣ୍ଟରନ୍ୟାଶନାଲ ହ୍ୟୁମାନ ରାଇଟ୍‌ସ କାଉନସିଲର ସଭାପତି ସସ୍ମିତା ଦାସଙ୍କ ସହାୟତାରେ ଯୁବତୀ ଗୁରୁବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେ କହିଛନ୍ତି, ବିବାହ ପୂର୍ବରୁ ସମ୍ପୃକ୍ତ ଯୁବକ ଝାଡ଼ଖଣ୍ଡ ରାଜ୍ୟ ଟାଟା କମ୍ପାନୀରେ କାମ କରୁଥିବା ବେଳେ ତାଙ୍କୁ ଭଲ ପାଉଥିଲେ। ତାଙ୍କର ଏକ ୮ ମାସର ପୁତ୍ର ସନ୍ତାନ ଅଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୩୯/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ପ୍ରଥମେ ସମ୍ପୃକ୍ତ ଯୁବକଙ୍କ ବାପାଙ୍କୁ ଥାନାକୁ ଆଣି ପଚରାଉଚରା କରିଛି।

## ପତିତପାବନ କୁପାରୀ ମଣ୍ଡଳ ସଭାପତି

**ଖଇରା, ୯।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ମଣ୍ଡଳର ବିଶିଷ୍ଟ ଭାଜପା ନେତା ତଥା ଦକ୍ଷ ଯୁବ ସଙ୍ଗଠକ ପତିତପାବନ କରଙ୍କୁ କୁପାରୀ ମଣ୍ଡଳର ନୂତନ ସଭାପତି ଭାବେ ନିଯୁକ୍ତ କରାଯାଇଛି। ବାଲେଶ୍ୱର ଜିଲା ସଭାପତି ଉମାକାନ୍ତ ମହାପାତ୍ର ୪ତାରିଖରେ ଚିଠି ମାଧ୍ୟମରେ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। କୁପାରୀ ମଣ୍ଡଳରେ ଭାଜପା କିଭଳି ଅଧିକ ମଜଭୂତ ହୋଇପାରିବ ଏହାକୁ ସେ ପ୍ରାଥମିକତା ଦେବେ। ପୁରାତନ ଓ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଦଳ ଯେଭଳି ଶୃଙ୍ଖଳିତ ଢଙ୍ଗରେ କାର୍ଯ୍ୟ କରିବ ଏବଂ ଆଗାମୀ ନିର୍ବାଚନରେ ଏହି ଜୋନରେ ଥିବା ସମସ୍ତ ପଞ୍ଚାୟତ ଦଖଲ ସେଥିଲାଗି ସେ ତୃଣମୂଳ ସ୍ତରରୁ ପ୍ରୟାସ କରିବେ ବୋଲି କହିଛନ୍ତି। ପୂର୍ବତନ ମଣ୍ଡଳ ସଭାପତି ଗଜେନ୍ଦ୍ର ପ୍ରସାଦ ଦାସଙ୍କୁ ଜିଲା କମିଟିର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ମନୋନୀତ କରାଯାଇଛି।

# ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲା କଂଗ୍ରେସ

**■ବର୍ଜ୍ୟବସ୍ତୁ ପରିଚାଳନାରେ ଟିକସ ଆଦାୟକୁ ବିରୋଧ**
**■ବାରିପଦା ପୌର ପରିଷଦ**

ବାରିପଦା ଅଫିସ,୯।୪

ମୟୂରଭଞ୍ଜ ଜିଲା ବାରିପଦା ପୌର ପରିଷଦ ପକ୍ଷରୁ କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ ଟିକସ ଆଦାୟକୁ ନଗର କଂଗ୍ରେସ ବିରୋଧ କରିଛି। ଏହାର ପ୍ରତ୍ୟାହାର ଦାବିରେ ଦଳ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛି। ନ୍ୟାୟାଳୟର ରିଟ ପିଟିସନ ଡବ୍ଲୁପି.(ସି) ନଂ.୧୩୪୬୪/୨୧ କ୍ରମେ ପ୍ରତିପକ୍ଷଙ୍କୁ ନୋଟିସ କରାଯାଇଛି। ସୂଚନା ଅନୁଯାୟୀ, ସହରରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ପୌର ପରିଷଦ ପକ୍ଷରୁ ଟିକସ ଆଦାୟ କରାଯାଉଥିଲା। ଏହାକୁ ବିରୋଧ କରି ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପୌର ପରିଷଦ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ନଗର କଂଗ୍ରେସ ସଭାପତି ଶାନ୍ତନୁ ପାଲ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଆଇନଜୀବୀ ରାଜେନ୍ଦ୍ର ରାଉତ ଓ ରୋନକ ରାଉତ ମାମଲା ପରିଚାଳନା କରୁଛନ୍ତି ।

## ବାଲି ସଇରାତ, ଡିପୋରେ ଚଢ଼ାଉ

ପାଟଣା,୯।୪(ସ୍ୱ.ପ୍ର)

କେନ୍ଦୁଝର ଜିଲା ସାହାରପଡ଼ା ତହସିଲ ଅନ୍ତର୍ଗତ ବୈତରଣୀ ନଦୀ, ବିରଳ ନାଳ ଓ ଦେଓ ନଦୀର ମଉଦିପା ରାଇପୁର, କୁଦାବେଡ଼ା ବନବୀର, ଦୁଆଘାଟ, ମଙ୍ଗଳପୁର ଓ ଜୁମେଇଁ ଆଦି ବାଲି ଉତ୍ସରୁ ବିନା ଲିଜ୍ ଏବଂ ଟିପିରେ ବାଲି ମାଫିଆମାନେ ଦୀର୍ଘ ଦିନ ହେବ ବେଆଇନ ଭାବରେ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ କରି ସାହାରପଡ଼ା ଭାଜପା ପକ୍ଷରୁ ଗୁରୁବାର ତହସିଲ କାର୍ଯ୍ୟାଳୟ ଘେରାଉ କରିବା ପରେ ଶୁକ୍ରବାର ତହସିଲ କର୍ତ୍ତୃପକ୍ଷ ଆକ୍‌ସନ ମୁଡ୍‌କୁ ଆସିଥିବା ଦେଖିବାକୁ ମିଳିଛି। ଅତିରିକ୍ତ ତହସିଲଦାର ତ୍ରିନାଥ ଦାସ, ଉଦୟପୁର ରାଜସ୍ୱ ନିରୀକ୍ଷକ ବୈଜୟନ୍ତୀ ନାଏକ, ତହସିଲ ସୁପରଭାଇଜର ତ୍ରିଲୋଚନ ମହାନ୍ତ, ମଲାରପଦା ରାଜସ୍ୱ ନିରୀକ୍ଷକ ଡୁରୁମୁଙ୍ଗା ପୋଲିସ ସହାୟତାରେ ବିଭିନ୍ନ ବାଲି ସୈରାତରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ କୌଣସି ବାଲିଘାଟରେ ମେଶିନ କିମ୍ବା ହାଇୱା ଦେଖିବାକୁ ପାଇ ନ ଥିଲେ। ପରେ ରାୟପୁରର ଦୁଇଟି ସ୍ଥାନରେ ଗଚ୍ଛିତ ଥିବା ୬୦୦ କ୍ୟୁବିକ, ମଉଦିପାରୁ ୫୦୦ କ୍ୟୁବିକ, ଦୁଆଘାଟରୁ ୨୦୦ କ୍ୟୁବିକ ଓ ଉଦୟପୁରରୁ ୨୦୦ କ୍ୟୁବିକ ବାଲି ଜବତ କରାଯାଇଥିବା ଅତିରିକ୍ତ ତହସିଲଦାର ଦାସ ସୂଚନା ଦେଇଛନ୍ତି। ବେଆଇନ ବାଲି ଉତ୍ତୋଳନ କରୁଥିବା ମାଫିଆଙ୍କ ଉପରେ ନଜର ରଖିବାକୁ ଉଦୟପୁର ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିବା ଅତିରିକ୍ତ ତହସିଲଦାର କହିଛନ୍ତି।

## ଦୁର୍ଘଟଣାରେ ଝିଅ ମୃତ, ମା' ବାପା ଗୁରୁତର

ବାଲେଶ୍ୱର ଅଫିସ, ୯।୪

ବାଲେଶ୍ୱର ଜିଲା ଖନ୍ତାପଡା ଥାନା ଡୁଣ୍ଡୁରା ନିକଟରେ ଏକ ସଡ଼କ ଦୁର୍ଘଟଣା ଘଟି ଘଟଣାସ୍ଥଳରେ ଝିଅର ମୃତ୍ୟୁ ହୋଇଥିବା ବେଳେ ମା' ବାପା ଗୁରୁତର ହୋଇଛନ୍ତି। କୁଆଁରପୁର ଗାଁର ବସନ୍ତ ସ୍ୱାଇଁ, ସ୍ତ୍ରୀ ବାସନ୍ତୀ ଓ ଝିଅକୁ ବାଇକ୍ ଯୋଗେ ବାରୁଣୀ ମେଳା ଦେଖିବାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ଏକ ଟ୍ରକ ତାଙ୍କ ବାଇକକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୧୨ବର୍ଷର ଝିଅ ଦିବ୍ୟାଜ୍ୟୋତିଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଅବସ୍ଥାରେ ବସନ୍ତ ଓ ବାସନ୍ତୀଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ସ୍ଥାନୀୟ ଲୋକେ ଅଟକ ରଖି ରାସ୍ତାରୋକୋ କରିଥିଲେ।

## ପାରମ୍ପରିକ ବିହନ, ସାଂସ୍କୃତିକ ମେଳା



ଚାଷୀମାନେ ପାରମ୍ପରିକ ବିହନ ପ୍ରଦର୍ଶନ କରୁଛନ୍ତି।

କେନ୍ଦୁଝର,୯।୪(ସ୍ୱ.ପ୍ର.)

ତେଲକୋଇ ବ୍ଲକ ଟେମ୍ପଲେଇ ଗ୍ରାମରେ ଦୁଇ ଦିନିଆ ଦ୍ୱିତୀୟ ବାର୍ଷିକ ପାରମ୍ପରିକ ବିହନ ଓ ସାଂସ୍କୃତିକ ମେଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡକ୍ଟର ବିମ୍ବାଧର ବେହେରା ବର୍ତ୍ତମାନ ସମୟରେ ପରିବେଶର ସୁରକ୍ଷା ପାଇଁ ପାରମ୍ପରିକ ବିହନ ଓ ସଂସ୍କୃତିର ସୁରକ୍ଷା ଜରୁରୀ ବୋଲି କହିଥିଲେ। ତେଲକୋଇ ଓ ହରିଚନ୍ଦନପୁର ବ୍ଲକର ଚାଷୀମାନେ ଯୋଗଦେବା ସହ ସେମାନଙ୍କ ଦ୍ୱାରା ସଂଗୃହିତ ବିହନ ପ୍ରଦର୍ଶନ କରିଥିଲେ। କିର୍ତ୍ତୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ଜମି ଅଧିକାର ଆଇନ, ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ଉପରେ ଉପସ୍ଥିତ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଥିଲା।

## ବିନା ଭକ୍ତରେ ସରିଲା ବାରୁଣୀ ସ୍ନାନ

କୁଆମରା,୯।୪(ଡି.ଏନ.ଏ.)

କରୋନା କଟକଣାକୁ ଦୃଷ୍ଟିରେ ରଖି ବିନା ଭକ୍ତରେ ଶେଷ ହୋଇଛି ବାରୁଣୀ ସ୍ନାନ। ଭକ୍ତ ନ ଯିବା ପାଇଁ ପୂଜାସ୍ଥଳରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଥିଲା। ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ବାଲଡ଼ିହାଠାରେ ପ୍ରବାହିତ ଗଂଗାହାର ନଦୀ ମଧ୍ୟ ଭାଗରେ ପ୍ରସିଦ୍ଧ ଡୁଡ଼େଶ୍ୱର ମହାଦେବଙ୍କ ବାରୁଣୀ ସ୍ନାନ ଅବସରରେ ଶୁକ୍ରବାର ବାବାଙ୍କ ପୂଜାର୍ଚ୍ଚନା ନୀତିକାନ୍ତି ମଧ୍ୟରେ ହୋଇଥିଲା। କମିଟିର ସଭାପତି ଭରତ ଚନ୍ଦ୍ର ଖିଲାର, ସମ୍ପାଦକ ରବୀନ୍ଦ୍ର ମାଝିଙ୍କ ତତ୍ତ୍ୱାବଧାନରେ ୩ ଜଣ ବ୍ରାହ୍ମଣ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ।

## ଗୋ ସମ୍ପଦ ସୁରକ୍ଷା ନେଇ ରାଜ୍ୟପାଳଙ୍କୁ ସ୍ମାରକପତ୍ର

**ବାରିପଦା ଅଫିସ,୯।୪:** ମୟୂରଭଞ୍ଜ ଜିଲାରେ ଗୋ ଚାଲାଣ ଓ ହତ୍ୟାକୁ ବନ୍ଦ କରିବା ପାଇଁ ଦୃଢ଼ ଆଇନ ପ୍ରଚଳନ କରିବା ଉଦ୍ଦେଶ୍ୟରେ ବଜରଙ୍ଗ ଦଳ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲାରେ ଗୋ ବଂଶର ସଂରକ୍ଷଣ ପାଇଁ ଗୋ ଶାଳା ନିର୍ମାଣ କରିବା, ଗୋ ଆଧାରିତ ଶିଳ୍ପ ପାଇଁ ଆବଶ୍ୟକ ତାଲିମ ସହ ପ୍ରୋତ୍ସାହନ ଯୋଗାଇଦେବା, ଗୋ ତସ୍କରୀ ରୋକିବା ପାଇଁ ଜିଲାରେ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରିବା, ଗୋ ରକ୍ଷକଙ୍କ ବିରୋଧରେ ମିଥ୍ୟା ମାମଲାକୁ ରଦ୍ଦ କରିବା ପାଇଁ ଦାବି ହୋଇଛି। ବଜରଙ୍ଗ ଦଳର ପ୍ରମୁଖ କୁମାର ମଙ୍ଗଳମଙ୍କ ନେତୃତ୍ୱରେ ଗୋ ରକ୍ଷା ପ୍ରମୁଖ ଯୋଗେଶ୍ୱର ଦଣ୍ଡପାଟ, ହରିପଦ କଲିଆ, ଗୋପାଳ ଚନ୍ଦ୍ର ସାହୁ, ସୁଶାନ୍ତ ମହାନ୍ତି, ମୃତ୍ୟୁଞ୍ଜୟ ଦାସ, ସୋମନାଥ ଦାସ, ହରିହର ପଣ୍ଡାଙ୍କ ସମେତ ବହୁ କର୍ମକର୍ତ୍ତା ଏଥିରେ ସାମିଲ ଥିଲେ।

## ଅନଶନ ପ୍ରତ୍ୟାହୃତ

**ବାସୁଦେବପୁର,୯।୪(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଇରମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ଦୁଇଦିନ ଧରି ଚାଲିଥିବା ଅନଶନ ଶୁକ୍ରବାର ପ୍ରତ୍ୟାହୃତ ହୋଇଛି। ଏହି ଡାକ୍ତରଖାନାକୁ ଜଣେ ଡାକ୍ତରଙ୍କୁ ସପ୍ତାହରେ ଦୁଇଦିନ ଡ୍ୟୁଟି ପାଇଁ ଡେପୁଟେଶନରେ ପଠାଯାଇ ରୋଗୀସେବା ଶୁକ୍ରବାରଠାରୁ ଆରମ୍ଭ ହେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ବାସୁଦେବପୁର ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ସାମନ୍ତ ଅନଶନକାରୀଙ୍କ ପାଖରେ ପହଞ୍ଚି ତାଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ଅନଶନରେ ବସିଥିବା ସମିତିସଭ୍ୟ ଉମାକାନ୍ତ ରଣା ଓ ବିଦ୍ୟାଧର ସାହୁ ଅନଶନରୁ ଉଠିଯାଇଥିଲେ।

# ଭଙ୍ଗା କୁଡ଼ିଆରେ ବୃଦ୍ଧ ଦମ୍ପତି

**■ମିଳିନି ଫନି ସହାୟତା**
**■ଘର ଖଣ୍ଡେ ପାଇଁ ଦୌଡ଼ିଦୌଡ଼ି ନୟାନ୍ତ ହେଲେଣି**

ଚିତ୍ରଡ଼ା,୯।୪(ଡି.ଏନ.ଏ.)

ପ୍ରଶାସନିକ ଅବହେଳା କାରଣରୁ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ଗ୍ରାମର ବୃଦ୍ଧ ଦମ୍ପତି ପ୍ରସାଦ ବେହେରା ଓ ତାଙ୍କ ସ୍ତ୍ରୀ ଭଙ୍ଗାକୁଡ଼ିଆରେ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ଗରିବ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କା ଘର ଭଳି ଯୋଜନା ରହିଥିଲେ ମଧ୍ୟ ଏଥିରୁ ସେମାନେ ବଞ୍ଚିତ ହୋଇଛନ୍ତି। ଫନୀ ଝଡ଼ବାତ୍ୟାରେ ତାଙ୍କ ଟାଇଲି ଛପର ଘରଟି ଭାଙ୍ଗିରୁଜି ଯାଇଥିବା ବେଳେ ଅଦ୍ୟାବଧି ତାଙ୍କୁ ଘର ଖଣ୍ଡିଏ ମିଳି ପାରିନାହିଁ। ଘରଭଙ୍ଗା ସହାୟତା ପାଇଁ ତଦନ୍ତ ହୋଇଥିଲେ ମଧ୍ୟ ତାଙ୍କୁ ସହାୟତା ମିଳିନାହିଁ। ଘର ଖଣ୍ଡେ ପାଇଁ ପଞ୍ଚାୟତଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ପଡ଼ିଥିଲେ ମଧ୍ୟ ତାଙ୍କ ଗୁହାରି କେହି ଶୁଣୁ ନ ଥିବା ଏହି ଦମ୍ପତି ଅଭିଯୋଗ କରିଛନ୍ତି।

ପ୍ରସାଦ ପେଶାରେ ଚେରମୂଳି ବିକ୍ରି କରିଥାନ୍ତି। ୨୦୧୯ ଫନି ବାତ୍ୟାରେ ତାଙ୍କ ଟାଇଲି ଛପର ମାଟି ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ଏବଂ ସରପଞ୍ଚ ତଦନ୍ତ କରିବାକୁ ଆସି ତାଙ୍କୁ ଘର ମିଳିବ ବୋଲି ପ୍ରତିଶ୍ରୁତି ଦେବା ସହ ଖଣ୍ଡେ ପଲିଥିନ ଦେଇ ଚାଲି ଯାଇଥିଲେ। ଭଙ୍ଗା ଘରେ ପଲିଥିନ ତଳେ କିଛିଦିନ ରହିବା ପରେ ପଲିଥିନ ନଷ୍ଟ ହୋଇ ଯାଇଥିଲା। ଫଳରେ ବିପଦସଂକୁଳ ଉକ୍ତ ଘରେ ଦୟନୀୟ ଅବସ୍ଥାରେ ଉଭୟ ରହୁଛନ୍ତି। ପ୍ରସାଦଙ୍କ ପଡ଼ୋଶୀ ସନ୍ତୋଷ କୁମାର ବେହେରା କୁହନ୍ତି, ବର୍ଷା ପବନ ଆସିଲେ ଉକ୍ତ ଦମ୍ପତି ନିକଟସ୍ଥ ସ୍କୁଲ ଘରେ ଆଶ୍ରୟ ନେଇଥାନ୍ତି । ତାଙ୍କର ଆସବାବପତ୍ର ବର୍ଷାରେ ଓଦା ହୋଇଯାଇଥାଏ। ସେମାନେ ବହୁତ ଦୁଃଖ କଷ୍ଟରେ ଜୀବନ ବିତାଉଛନ୍ତି। ଚିତ୍ରଡା ପଞ୍ଚାୟତର ସରପଞ୍ଚ ଦୁଲାରୀ ମାରାଣ୍ଡିଙ୍କୁ ପଚାରିବାରୁ ରାଜସ୍ୱ ନୀରିକ୍ଷକ ତାଙ୍କ ତଦନ୍ତ ରିପୋର୍ଟ ପ୍ରଶାସନକୁ ଦେଇଥିଲେ। ତେବେ ବ୍ଲକ ଓ ତହସିଲ ପ୍ରଶାସନର ଅବହେଳା ଯୋଗୁ ପ୍ରସାଦଙ୍କୁ ଘରଭଙ୍ଗା ସହାୟତା କିମ୍ବା ଘର ମିଳିପାରି ନାହିଁ ବୋଲି କହିଛନ୍ତି। ଚିତ୍ରଡ଼ା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପର୍ଶୁରାମ ସାହୁଙ୍କ ପ୍ରତିକ୍ରିୟା ନେବାରୁ ସେ କିଛିଦିନ ପୂର୍ବରୁ ଏହି ପଞ୍ଚାୟତରେ କାର୍ଯ୍ୟଭାର ଗ୍ରହଣ କରିଥିବାରୁ ଏ ବିଷୟରେ କିଛି ଜାଣି ନାହାନ୍ତି। ଆଗାମୀ ଦିନରେ ସେ କିପରି ଘର ପାଇବେ ସେ ନେଇ ପ୍ରଶାସନକୁ ଅବଗତ କରାଇବେ ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ତହସିଲଦାର ଅନନ୍ତ କୁମାର ହାଁସଦାଙ୍କୁ ପଚାରିବାରୁ ସେ ନିଜେ ତଦନ୍ତ କରିବେ ଏବଂ ଉକ୍ତ ବୃଦ୍ଧ ଦମ୍ପତିଙ୍କୁ ଯଥାଶୀଘ୍ର କିପରି କ୍ଷତିପୂରଣ ଅର୍ଥ ମିଳିବ ସେ ନେଇ ବ୍ୟବସ୍ଥା କରିବେ ବୋଲି କହିଛନ୍ତି।



ଭଙ୍ଗା କୁଡ଼ିଆ ସମ୍ମୁଖରେ ପ୍ରସାଦ ଓ ତାଙ୍କ ସ୍ତ୍ରୀ।

सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Ltd.)
Gondwana Place, Kanke Road, Ranchi - 834031, Jharkhand, India

NOTICE

"Due to outburst of COVID-19, the written test for recruitment to the post of Jr. Sc. Asst. Gr.II in CMPDI scheduled to be held on 11.04.2021 has been postponed till further order."

सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Ltd.)
Gondwana Place, Kanke Road, Ranchi - 834031, Jharkhand, India

NOTICE

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/ respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM portal https://gem.gov.in"

OFFICE OF THE MUNICIPAL COUNCIL, SUNABEDA

Letter No.1250 Date:8.4.21

TENDER CALL NOTICE

No.-C-60:- Sealed tenders are invited from intending Company Authorized Dealers to supply and fitting of playing equipments, fountain, outdoor GYM Equipment & topiary for fixing at different parks of Sunabeda Municipality.

The sealed tender should reach before the undersigned on or before 20.04.2021 by 1.00 P.M. and the same will be opened on the same day at 4.00 P.M. in presence of the tenderers or their authorized agents in the Office of Municipal Council, Sunabeda. The tender reached after due date will not be entertained.

i) The rate should be tendered including all taxes and delivery charges. The tenderers should submit the GST clearance certificate upto March-2021, Pan Card etc. along with the tender paper.
ii) The civil work will be inspected by the technical persons of the Municipality and all the equipments installation shall be under keen supervision of technical persons of Sunabeda Municipality.
iii) The required EMD of Rs.15,000/- (Rupees fifteen thousand only) & the cost of tender paper of Rs.2000/- (Rupees two thousand only) non refundable should be submit separately in shape of Demand Draft/Banker Cheques from any Nationalized Bank drawn in favour of the Executive Officer, Sunabeda Municipality, failing which the tender will be rejected. The tender paper shall be available from 09.04.2021 at 11.00 A.M. to 19.04.2021 at 5.00 P.M. in our office website i.e. www.sunabedamunicipality.in.
iv) The bill will be paid after certification of technical persons of the Municipality.
v) The undersigned reserves the rights to accept or reject any or all the tender without assigning any reason thereof.

Sd./- Executive Officer, Sunabeda Municipality
OIPR-13076/11/0001/2122

